# ସୋନପୁର ପୌରପରିଷଦ କାର୍ଯ୍ୟାଳୟ, ସୋନପୁର

ନୋଟିସ୍ ନଂ. ୧୧୧୪ ତା. ୨୩/୦୪/୨୬

## ସର୍ବସାଧାରଣ ନୋଟିସ୍

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ସୋନପୁର ପୌର ପରିଷଦ ଅଧିନସ୍ଥ ନିମ୍ନଲିଖିତ ସମ୍ପତ୍ତି ଯାହାକି ନୋଟିସ ନଂ.୮୪୩ ତା.୨୦.୦୩.୨୦୨୬ ରେ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଉକ୍ତ ସମ୍ପତ୍ତି ପାଇଁ କେହି ଅଂଶ ଗ୍ରହଣ କରି ନ ଥିଲେ । ତେଣୁ ଉକ୍ତ ସମ୍ପତ୍ତି ଗୁଡିକର ପୁନର୍ବାର ଟେଣ୍ଡର ଆହ୍ୱାନ କରିବା ପାଇଁ ପୌର ପରିଷଦ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଏଥି ସକାଶେ ଏହି ପରିଷଦ ଦ୍ୱାରା ନୋଟିସ ମାଧ୍ୟମରେ ପୁନର୍ବାର ଟେଣ୍ଡର ଆହ୍ୱାନ କରାଯାଉଅଛି । ଟେଣ୍ଡରରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି କାର୍ଯ୍ୟାଳୟରୁ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ବନ୍ଧିୟ ତଥ୍ୟ ଟ.୧୦୦/-ଙ୍କା ଦାଖଲ କରି ତା.୦୮.୦୫.୨୦୨୬ ପୂର୍ବାହ୍ଣ ଘ.୧୦.୦୦ ପର୍ଯ୍ୟନ୍ତ ପାଇପାରିବେ । ଇଚ୍ଛୁକ ବ୍ୟକ୍ତି ନିର୍ଦ୍ଧାରିତ ମୂଲ୍ୟ ର ୩୦ ପ୍ରତିଶତ ଅମାନତ ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ ଆକାରରେ **Executive Officer, Sonepur Municipality payble at Sonepur** ଙ୍କ ନାମରେ ଟେଣ୍ଡର ପେପର ସହିତ ଟେଣ୍ଡର ବାକ୍ସରେ ସିଲ୍ଡ ଲଫାପାରେ ତା.୦୮.୦୫.୨୦୨୬ ପୂର୍ବାହ୍ଣ ଘ.୧୧.୦୦ ଘଟିକା ସମୟ ମଧ୍ୟରେ ପକାଇବାକୁ ଜଣାଇ ଦିଆଗଲା । ଉକ୍ତ ସିଲ୍ଡ ଟେଣ୍ଡର ଆସନ୍ତା ତା.୦୮.୦୫.୨୦୨୬ ପୂର୍ବାହ୍ଣ ଘ.୧୧.୩୦.ସମୟରେ ଟେଣ୍ଡର ଦାତା କିମ୍ବା ତାଙ୍କର କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ । ଟେଣ୍ଡରକାରୀ ଯେକୌଣସି ଟେଣ୍ଡର ର ସର୍ବୋଚ୍ଚ ମୂଲ୍ୟ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି । କର୍ତ୍ତୃପକ୍ଷ ଇଚ୍ଛାକଲେ ବିନା ନୋଟିସରେ କୌଣସି କାରଣ ନ ଦର୍ଶାଇ ଟେଣ୍ଡର ରଦ୍ଦ କରିପାରିବେ । ଯେଉଁ ବ୍ୟକ୍ତି ଟେଣ୍ଡର ପାଇବେ ସେ ପରିଷଦର ନିର୍ଦ୍ଦେଶ ଅନୁଯାୟୀ ତଥା ଚୁକ୍ତିପତ୍ରର ସର୍ତ୍ତାବଳୀ ମୁତାବକ ସମ୍ପତ୍ତି ପରିଚାଳନା କରିବେ । ଟେଣ୍ଡର ପାଇଥିବା ବ୍ୟକ୍ତି ୭ଦିନ ମଧ୍ୟରେ ଧାର୍ଯ୍ୟ ମୂଲ୍ୟ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଜମା କରିବେ । କୌଣସି ସର୍ତ୍ତ ଖିଲାପ କଲେ କିମ୍ବା ନିୟମାନୁଯାୟୀ ସୈରାତ ପରିଚାଳନା ନକଲେ ଟେଣ୍ଡର ରଦ୍ଦ କରାଯିବା ସଂଗେ ସଂଗେ ଦାଖଲ କରାଯାଇଥିବା ସମସ୍ତ ଟଙ୍କା ବ୍ୟାଜାପ୍ତି କରାଯିବ । ଏଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

| କ୍ର.ନଂ | ସଇରାତର ନାମ | ଟେଣ୍ଡର ର କାର୍ଯ୍ୟକାଳ | ଅଫସେଟ ମୂଲ୍ୟ | ଅମାନତ ଟଙ୍କା |
|---|---|---|---|---|
| ୧ | ଦୈନନ୍ଦିନ ବଜାର ଖମ୍ବେଶ୍ୱରୀ ମନ୍ଦିର ପାଖ (ମଙ୍ଗଳବାର ଦିନ ବ୍ୟତିତ ଅନ୍ୟ ସମସ୍ତ ଦିନ ଫି ଆଦାୟ) | ଟେଣ୍ଡର ପ୍ରାପ୍ତି ଠାରୁ ୧ ବର୍ଷ ପର୍ଯ୍ୟନ୍ତ | ୧୧,୬୦,୪୫୮/- | ୩,୫୮,୧୬୪/- |
| ୨ | ସାପ୍ତାହିକ ବଜାର ଖମ୍ବେଶ୍ୱରୀ ମନ୍ଦିର (କେବଳ ମଙ୍ଗଳବାର ଦିନ) | ଟେଣ୍ଡର ପ୍ରାପ୍ତି ଠାରୁ ୧ ବର୍ଷ ପର୍ଯ୍ୟନ୍ତ | ୧୨,୫୯,୩୯୩/- | ୩,୨୫,୮୧୮/- |
| ୩ | ସିଙ୍ଘିଡା ବନ୍ଧ | ଟେଣ୍ଡର ପ୍ରାପ୍ତି ଠାରୁ ୧ ବର୍ଷ ପର୍ଯ୍ୟନ୍ତ | ୪,୩୨୫/- | ୧,୪୯୭/- |
| ୪ | ବୁଢାରଜା ବନ୍ଧ | ଟେଣ୍ଡର ପ୍ରାପ୍ତି ଠାରୁ ୧ ବର୍ଷ ପର୍ଯ୍ୟନ୍ତ | ୫,୦୦୦/- | ୧୨୦୦/- |

ନିର୍ବାହୀ ଅଧିକାରୀ,
ସୋନପୁର ପୌର ପରିଷଦ

ପତ୍ରାଙ୍କ ନଂ. ୧୧୧୫ ତା. ୨୩/୦୪/୨୬

ଏହାର ଏକକିତା ନକଲ ଯୁଗ୍ମ ନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଭୁବନେଶ୍ୱର ଓଡିଶା ଙ୍କୁ ଗୋଟିଏ ସମ୍ବାଦପତ୍ର (ସମ୍ବଲପୁର ପ୍ରକାଶନ)ରେ ଗୋଟିଏ ଦିନ ପାଇଁ ପ୍ରକାଶ କରିବାକୁ ଅନୁରୋଧ କରାଗଲା ।

ନିର୍ବାହୀ ଅଧିକାରୀ,
ସୋନପୁର ପୌର ପରିଷଦ

CamScanner

ପରିପତ୍ରାଙ୍କ ନଂ. ୬୬୬୩ ତା. ୨୩/୦୪/୨୫

ଏହାର ଏକକିତା ନକଲ ଆଇ.ଆଇ.ସି, ସୋନପୁର/ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୋନପୁର/ ତହସିଲଦାର, ସୋନପୁର/ ଉପ-ଜିଲ୍ଲାପାଳ, ସୋନପୁର/ ପ୍ରକଳ୍ପ ନିର୍ଦ୍ଦେଶକ,DUDA ସୋନପୁର/ଜିଲ୍ଲାପାଳ, ସୁବର୍ଣ୍ଣପୁର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ,
ସୋନପୁର ପୌର ପରିଷଦ

ପରିପତ୍ରାଙ୍କ ନଂ. ୬୬୬୪ ତା. ୨୩/୦୪/୨୫

ଏହାର ଏକକିତା ନକଲ D.I.O (NIC) ସୋନପୁରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ଏହାକୁ ଜିଲ୍ଲା Web-site ରେ ପ୍ରକାଶ କରିବାକୁ ଅନୁରୋଧ କରାଗଲା ।

ନିର୍ବାହୀ ଅଧିକାରୀ,
ସୋନପୁର ପୌର ପରିଷଦ

ପରିପତ୍ରାଙ୍କ ନଂ. ୬୬୬୫ ତା. ୨୩/୦୪/୨୫

ଏହାର ଏକକିତା ନକଲ ଟେଣ୍ଡର କମିଟିର ସମସ୍ତ ମେମ୍ବରଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶ କରାଗଲା ।

ନିର୍ବାହୀ ଅଧିକାରୀ,
ସୋନପୁର ପୌର ପରିଷଦ

CamScanner